# ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ

● ପଣ୍ଡିତ ଶ୍ରୀ ହରିହର ମହାପାତ୍ର

ଶ୍ରୀ ଜଗନ୍ନାଥଙ୍କର କଳେବର ଦାରୁନିର୍ମିତ । ଲୋକମୁଖରେ ସେ ଦାରୁବ୍ରହ୍ମ ଓ ଦାରୁଦେବତା ରୂପେ ଆଖ୍ୟାତ । ବ୍ରହ୍ମ ସର୍ବବ୍ୟାପକ । ପରିଦୃଶ୍ୟମାନ ଜଗତ୍ ବ୍ରହ୍ମମୟ । ସର୍ବଂ ବ୍ରହ୍ମମୟଂ ଜଗତ୍ । ଦାରୁ ଜାଗତିକ ବସ୍ତୁ ଭାବେ ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ କୁହାଯିବାରେ ବିଚିତ୍ରତା ନାହିଁ । ତା ଛଡ଼ା ଦାରବୀୟ କଳେବରରେ ବ୍ରହ୍ମସ୍ଥାପନା ବିଧି ନବ କଳେବର କାଳରେ ସଂପାଦିତ ହୁଏ । ଦାରୁଦେବତା 'ଦାରୁବ୍ରହ୍ମ' ପରି ସର୍ବବ୍ୟାପକ ଅର୍ଥ ପ୍ରକାଶ କରେ ନାହିଁ । ପୁରାଣ କହେ, ଦେବତାମାନେ ସ୍ୱର୍ଗବାସୀ । ତାହା ତାଙ୍କର ଜନ୍ମାନ୍ତର ସୁକୃତର ଫଳ । ସେହି ପୁଣ୍ୟଫଳର ଭୋଗ ପରେ ସେମାନେ ପୁଣି ମର୍ତ୍ତ୍ୟଲୋକକୁ ଫେରନ୍ତି । 'କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।' ଏହା ଫଳରେ ସେମାନଙ୍କର ଜନ୍ମାନ୍ତର ବାଦ ସ୍ୱୀକୃତ । 'ବ୍ରହ୍ମ' ସତ୍ୟ ଓ ନିତ୍ୟ ହେତୁ ଜନ୍ମାନ୍ତର କଳ୍ପନା ଅସମ୍ଭବ ।

ତେବେ ଜଗନ୍ନାଥଙ୍କର ନବ କଳେବର ବିଧି ସଂପନ୍ନ ହେଉଥିବାରୁ ଘଟ ପରିବର୍ତ୍ତନ ଘଟେ । ଏହାକୁ କେହି କେହି ଜନ୍ମାନ୍ତର ବୋଲି ଭାବନ୍ତି ଓ ପ୍ରକାଶ କରନ୍ତି । ସେଥି ନିମନ୍ତେ ସେମାନେ ଭଗବଦ୍ ଗୀତା ଦ୍ୱିତୀୟ ଅଧ୍ୟାୟର ନିମ୍ନୋକ୍ତ ଶ୍ଳୋକଟି ଉପସ୍ଥାପନ କରିଥାନ୍ତି ।

**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ**
**ନବାନି ଗୃହ୍ଣାତି ନରୋଽପରାଣି**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣା-**
**ନ୍ୟନ୍ୟାନି ସଂଯାତି ନବାନି ଦେହୀ ।**

ଯେପରି ମନୁଷ୍ୟ ବସ୍ତ୍ର ଜୀର୍ଣ୍ଣ ହେଲେ ନବୀନ ବସ୍ତ୍ର ଗ୍ରହଣ କରେ, ସେହିପରି ଶରୀର ଜୀର୍ଣ୍ଣ ହେଲେ ଆତ୍ମା ସେହି ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀର ଗ୍ରହଣ କରିଥାଏ ।

ଏହି ଶ୍ଳୋକ ଜୀବାତ୍ମା ଉପରେ ଆଧାରିତ, ପରମାତ୍ମା ଉପରେ ଆଧାରିତ ନୁହେଁ । ଜୀବ ବିଭିନ୍ନ ଯୋନି, ଦେଶ, କାଳ, ପାତ୍ର ରୂପେ ଗୁଣାଦିକୁ ଗ୍ରହଣ କରି ପୃଥକ୍ ଶରୀରରେ ଜନ୍ମ ଲାଭ କରିଥାଏ । ପରମ ବ୍ରହ୍ମ ବା ପରମାତ୍ମା ଶ୍ରୀଜଗନ୍ନାଥଙ୍କର ପୁନର୍ଜନ୍ମ ବା ଜନ୍ମାନ୍ତର ଘଟେ ନାହିଁ । କେବଳ ଦାରବୀୟ ଘଟ ଜୀର୍ଣ୍ଣ ହୋଇଯିବାରୁ ଅନ୍ୟ ଦାରବୀୟ ନୂତନ ଘଟ ସେହି ନାମ, ସେହି ରୂପ, ସେହି ଗୁଣ ଓ ସେହି ସ୍ଥାନରେ ବିରାଜିତ ଥାଏ । ଜୀର୍ଣ୍ଣ ବସ୍ତ୍ର ବଦଳରେ ନୂତନ ବସ୍ତ୍ର ପରି ସେ ପୃଥକ୍ ଦାରବୀୟ ଘଟ ଗ୍ରହଣ କରେ । ତେଣୁ ଶ୍ରୀଜଗନ୍ନାଥଙ୍କୁ ଦାରୁଦେବତା କୁହା ନ ଯାଇ ଦାରୁବ୍ରହ୍ମ ବା ପରମବ୍ରହ୍ମ କୁହାଯିବା ସର୍ବଥା ସମୀଚୀନ ।

ଚେତନାଚେତନ ନିର୍ବିଶେଷରେ ବ୍ରହ୍ମ ସର୍ବତ୍ର ବିଦ୍ୟମାନ । ତେବେ ଅଚେତନ ସାମାନ୍ୟ ଦାରୁଖଣ୍ଡରେ ବ୍ରହ୍ମୋପାସନା (ଦାରୁବ୍ରହ୍ମୋପାସନା) ଶ୍ରୀଜଗନ୍ନାଥଙ୍କର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଏହି ବୃକ୍ଷପାଷାଣାଦିର ଆରାଧନା ପ୍ରାଚୀନ ଆଦିବାସୀ ସଭ୍ୟତା, ସଂସ୍କୃତି ଓ ଆରାଧନା ଶୈଳୀରୁ ଆନୀତ ବୋଲି ବହୁ ଗବେଷକ ମନେ କରନ୍ତି । ଏହା ସତ୍ୟ ହୋଇପାରେ, କିନ୍ତୁ ବେଦ ଓ ବୈଦିକ କର୍ମକାଣ୍ଡରେ ଏଗୁଡ଼ିକର ଆରାଧନା ଅତି ବିସ୍ତୃତ ଭାବେ ଥିବା ଦେଖିବାକୁ ମିଳେ ।

**ବନସ୍ପତିଭିଃ ପୃଥିବୀ ସଜୋଷା ।**
**ଉଭେ ରୋଦସୀ ପରିପାସତୋ ନଃ ॥**
(ଋଗ୍‌ବେଦ ୭,୩୪)

ସେହିପରି **ଅବସୃଜ ବନସ୍ପତେ ଦେବ ଦେବେଭ୍ୟୋ ହବିଃ ।**
**ପ୍ରବାତୁରସ୍ତୁ ଚେତନମ୍** (ଋଗ୍‌ବେଦ ୧,୧୩,୧୧)

ହେ ବନସ୍ପତି ଦେବ, ଦେବତାଙ୍କ ନିମନ୍ତେ ହବି ପ୍ରଦାନ କର ଏବଂ ଯଜମାନଙ୍କୁ ଦିବ୍ୟ ଜ୍ଞାନ ଦିଅ । ସେହିପରି ଅନ୍ୟ ଏକ ସ୍ଥାନରେ (୩.୮.୧) ବନସ୍ପତିଙ୍କୁ ଧନ ପ୍ରାର୍ଥନା କରାଯାଇଅଛି । ଉପରଲିଖିତ ମନ୍ତ୍ରମାନଙ୍କରୁ ବୋଧ ହେଉଛି ଯେ, ବନସ୍ପତି (ବୃକ୍ଷ) ମାନଙ୍କର ମନୁଷ୍ୟମାନଙ୍କ ପରି ଜୀବନ ଅଛି । ଚୈତନ୍ୟ ସତ୍ତା ମଧ୍ୟ ସେମାନଙ୍କଠାରେ ଉପଲବ୍ଧ । ବୈଦିକ ମୁନି, ଋଷିଗଣ ସେମାନଙ୍କୁ ଦେବତା ରୂପେ ସ୍ତୁତି କରନ୍ତି ।

ଅନ୍ୟ ଦେବତାମାନଙ୍କ ପରି ସେମାନଙ୍କ ଠାରୁ (ବୃକ୍ଷମାନଙ୍କ ଠାରୁ) ଧନ ମଧ୍ୟ ପ୍ରାର୍ଥନା କରାଯାଇଅଛି । ସେହି ଋଷିମାନଙ୍କର ଦୃଷ୍ଟିରେ ବୃକ୍ଷ କେବଳ କାଠ ନୁହେଁ । ସେମାନେ ଦେବତା ଅଟନ୍ତି । ତାହାଛଡ଼ା ଯୂପ, ସମିଧ, ହବିଷ୍ୟାନ୍ନାଦି ସେମାନଙ୍କଠାରୁ ମିଳିଥାଏ । ତାହାର ଅଭାବରେ ଯଜ୍ଞ କାର୍ଯ୍ୟ ସମାହିତ ହୋଇ ପାରେ ନାହିଁ । ଯଜ୍ଞରୁ ସକଳ କାମନା ସିଦ୍ଧ ହେବା ସଙ୍ଗେ ସଙ୍ଗେ ଭୌତିକ ଐଶ୍ୱର୍ଯ୍ୟ ମଧ୍ୟ ମିଳିଥାଏ ।

ଶ୍ରୀଜଗନ୍ନାଥଙ୍କର ଦାରୁ ଅନ୍ୱେଷଣରେ ଦାରୁ ଛେଦନ ପୂର୍ବରୁ ବନସ୍ପତିଙ୍କର ଆରାଧନା ଅଦ୍ୟାପି ପ୍ରଚଳିତ । ଏହାକୁ 'ବନଯାଗ' କୁହାଯାଉଅଛି । ବୃକ୍ଷର ବିଧିବଦ୍ଧ ପୂଜା, ଆରାଧନା ପରେ ଦାରୁଛେଦନ କାର୍ଯ୍ୟ ସମାହିତ ହୋଇଥାଏ । ଏହି ଦାରୁ ଶ୍ରୀଜଗନ୍ନାଥଙ୍କର ଅଭ୍ୟନ୍ତର ସ୍ଥିତ ଅଲୌକିକ ବ୍ରହ୍ମ ରୂପେ କଳ୍ପିତ ବସ୍ତୁର ଆବରଣ (ଘଟ) କାର୍ଯ୍ୟ କରିଥାଏ । ଏହା ଆଦିବାସୀ (ବନବାସୀ) ପରଂପରାର ସ୍ମାରକୀ ହୋଇ ନ ପାରେ ।

'ପ୍ରତିମା' - ଏହି ଶବ୍ଦର ବ୍ୟବହାର ନିମନ୍ତେ ବିଭିନ୍ନ ଗ୍ରନ୍ଥରେ ବିମ୍ବ, ଅର୍ଚ୍ଚା, ଲିଙ୍ଗ ଓ ମୂର୍ତ୍ତି ପ୍ରଭୃତି ବହୁତ ଶବ୍ଦ ବ୍ୟବହାର କରାଯାଏ । ପ୍ରତିମା ନିର୍ମାଣ ନିମନ୍ତେ ଲୌହ, ରତ୍ନ, ଶିଳା, ଦାରୁ, ତାମ୍ର, କାଂସ୍ୟାଦି ଅନେକ ଦ୍ରବ୍ୟ ବିବିଧ ଗ୍ରନ୍ଥରେ ନିର୍ଦ୍ଦିଷ୍ଟ ଅଛି । ପାଞ୍ଚରାତ୍ରାଗମର ଭାର୍ଗବତନ୍ତ୍ରରେ ଓ ହୟଶୀର୍ଷ ସଂହିତାରେ ପ୍ରତିମା ଗଠନ ନିମନ୍ତେ ସାତ ଗୋଟି ଦ୍ରବ୍ୟ ନିର୍ଦ୍ଦିଷ୍ଟ ଥିବା ଜଣାଯାଏ । ଯଥା

**ରତ୍ନଜଂ ଶୈଳଜଂ ବିମ୍ବଂ ଦାରୁଜଂ ଲୌହଜଂ ତଥା ।**
**ମୃତ୍ତ୍ରେ ବସ୍ତୁ କୟୋବିମ୍ବଂ ଚିତ୍ରଜଂ ଚେତି ସପ୍ତଧା ॥** (୪,୭)

ଇତ୍ୟାଦି । ଏଥିରୁ ଜଣାଯାଉଅଛି ଯେ, ମୂର୍ତ୍ତି ବା ପ୍ରତିମା ଏହି ସାତୋଟି ବସ୍ତୁରେ ନିର୍ମିତ ହେଉଥିବାରୁ ଏହା ସାତ ଭାଗରେ ବିଭକ୍ତ ।

ମତ୍ସ୍ୟ ପୁରାଣରେ ମଧ୍ୟ ପ୍ରତିମା ଗଠନ ନିମନ୍ତେ ବିଭିନ୍ନ ବସ୍ତୁ ନିରୂପିତ ହୋଇଅଛି । ତଦ୍ ଯଥା -

**ସୌବର୍ଣ୍ଣୀ ରାଜତୀ ବାପି ତାମ୍ରୀ ରତ୍ନମୟୀ ତଥା**
**ଶୈଳୀ ଦାରୁମୟୀ ଚାପି ଲୌହସଙ୍ଗମୟୀ ତଥା**
**ରୀତିକା ଧାତୁଯୁକ୍ତା ବା ତାମ୍ରକାଂସ୍ୟମୟୀ ତଥା**
**ଶୁଭଦାରୁମୟୀ ବାପି ଦେବତାୟାଂ ପ୍ରଶସ୍ୟତେ ।**

**(୨୫୭.୨୦-୨୧)**

ଶ୍ରୀଜଗନ୍ନାଥଙ୍କର ବିଗ୍ରହ ଦାରୁନିର୍ମିତ । ଦାରୁରେ ଦେବବିଗ୍ରହ ଗଠନ ଶାସ୍ତ୍ର ପରଂପରା ସିଦ୍ଧ । ନିଗମ ବା ତନ୍ତ୍ରଶାସ୍ତ୍ର ଦାରୁରେ ଦେବଯନ୍ତ୍ର ନିର୍ମାଣକୁ ଅନୁମୋଦନ କରେ । ଦାରୁ ଶବ୍ଦ ବହୁ ଅର୍ଥ ପ୍ରତିପାଦନ କରେ । ଦୃ ଧାତୁ ବିଦୀର୍ଣ୍ଣ ହେବା + କର୍ମ ଉ) ଯୋଗେ ଦାରୁଶବ୍ଦର ବ୍ୟୁତ୍ପତ୍ତି (ଭାଷାକୋଷ ପୃ ୨୭୪୧) । ମୁଖ୍ୟତଃ ଏହି ଶବ୍ଦ କାଠଖଣ୍ଡକୁ ବୁଝାଉଥିଲେ ମଧ୍ୟ ଦେଶଜ ଅର୍ଥ ନିମଗଛ । ଶ୍ରୀଜଗନ୍ନାଥଙ୍କ କଳେବର ନିମ୍ବଦାରୁରେ ଗଠିତ । ଏହି ଦେବବୃକ୍ଷ 'ଅଶ୍ୱତ୍ଥ' ପରି ଆରାଧ୍ୟ । ତେଣୁ ପଦ୍ମପୁରାଣରେ ନିମଗଛ ଲଗାଇଥିବା ବ୍ୟକ୍ତି ଉପରେ ସୂର୍ଯ୍ୟ ପ୍ରସନ୍ନ ରହିବା ଉଲ୍ଲେଖ ଅଛି । ଯଥା-

**'ନିମ୍ବପ୍ରରୋହକାଣାଂ ତୁ ନିତ୍ୟଂ ତୁଷ୍ୟେତ୍ ଦିବାକରଃ'** । ସେହିପରି ଅନ୍ୟତ୍ର **'ନିମ୍ବସ୍ୟ ଦଶବୃକ୍ଷାଣ୍ଟ ନ୍ୟଗ୍ରୋଧାର୍ଣ୍ଣେବ ସପ୍ତ ଚ । ଏବଂ ବୃକ୍ଷ୍ୱା ତୁ ଧର୍ମାତ୍ମା ଯଃ କୁର୍ଯ୍ୟାତ୍ କୃତ୍ରିମଂ ବନମ୍' କଳ୍ପକୋଟିସହସ୍ରାଣି କଳ୍ପକୋଟିଶତାନି ଚ ॥**

ପଦ୍ମପୁରାଣ (୧-୬୦-୨୮-୩୧)

ନିମ୍ବଗଛ ଦଶଗୋଟି ରୋପଣରେ ଅଶତ୍ଥ ବୃକ୍ଷ ରୋପଣର ଫଳ ମିଳିଥାଏ ଓ ତାହା ଦୀର୍ଘସ୍ଥାୟୀ ହୁଏ ।

ନିମ୍ବ ଗଛ ବନରେ ହେଉ ବା ଗୃହ ସମୀପରେ ହେଉ ଯେଉଁଠାରେ ଥିଲେ ମଧ୍ୟ ଶୁଭପ୍ରଦ ହୋଇଥାଏ ।

**ପୁନ୍ନାଗଫଳିନୀନିମ୍ବଦାଡ଼ିମାଶୋକଜାତିକାଃ**

XX XX XX XX

**ଯତ୍ର ଯତ୍ର ସ୍ଥିତାର୍ଣ୍ଣେତେ ନାରିକେଳାଦୟଃ ଶୁଭାଃ**

ବିଷ୍ଣୁଧର୍ମୋତ୍ତର ପୁ ୩୯୭/୧୭

**ଧନୀ ଚାଶ୍ୱତ୍ଥବୃକ୍ଷେଣ XX ନିମ୍ବଃ ଚାସୁପ୍ରଦଃ ସ୍ମୃତଃ**

(ପଦ୍ମପୁରାଣ - ପୃ-କା -୨୬ଅ)

ବିଭିନ୍ନ ଲକ୍ଷଣ ଲକ୍ଷିତ ଶୁଭ ନିମ୍ବ ଦାରୁରେ ଶ୍ରୀଜଗନ୍ନାଥଙ୍କ କଳେବର ଗଠିତ । ସେ ଯନ୍ତ୍ରାରୂଢ଼ ଓ ଯାନ୍ତ୍ରିକ ପ୍ରତିମା । ଯନ୍ତ୍ରରେ ଏକ ନିର୍ଦ୍ଦିଷ୍ଟ ଦେବତାଙ୍କୁ ଆରାଧନା କରାଯିବା ଶାସ୍ତ୍ରୀୟ ବିଧି । ଶ୍ରୀଜଗନ୍ନାଥ ବିଭିନ୍ନ ଆଚାର୍ଯ୍ୟ ଓ ବିଭିନ୍ନ ଭକ୍ତଙ୍କ ଦ୍ୱାରା ବିଭିନ୍ନ ଦେବତା ଯଥା :- ଶିବ, ବିଷ୍ଣୁ, କାଳୀ, ଗଣପତି, ସୂର୍ଯ୍ୟାଦି ରୂପେ ଆରାଧିତ । ଏମାନଙ୍କର

ଆରାଧନାରେ ଭକ୍ତ ତାହାର ଅଭୀଷ୍ଟ ଫଳ ମଧ୍ୟ ଅନାୟାସରେ ପାଇ ପାରୁଅଛି । ତେଣୁ କୁହାଯାଇ ଅଛି ଯେ - **''ଦେଖେ ତୁମକୁ ଯେପରି ଦେଖାଦିଅ ସେପରି, ଧର୍ମ, ମତ ବାଦ, ଆଗର ସବୁ ସୃଷ୍ଟି ତୁମରି''** । ସେ ଶରଣାଗତକୁ କେବେହେଲେ ପରିତ୍ୟାଗ କରନ୍ତି ନାହିଁ ।

**ଭକ୍ତଃ ଚ ଭଜମାନଃ ଚ ତବାସ୍ମୀତି ଚ ବାଦିନମ୍**

**ତ୍ରୀନେତାନ୍ ଶରଣଂ ପ୍ରାପ୍ତାନ୍ ବିଷମେଷ୍ଟୁ ନ ସଂତ୍ୟଜେତ୍ ।**

(ବିଦୂର ନୀତି)

ଏପରି ସ୍ଥଳେ ଶ୍ରୀଜଗନ୍ନାଥ ହିଁ କେବଳ ଶ୍ରୀଜଗନ୍ନାଥ, ସର୍ବଦେବମୟ । ନିଗମ ଦୃଷ୍ଟିରେ ସେ କେବଳ ଜଗନ୍ନାଥ ରୂପେ ଆରାଧ୍ୟ । ଆଗମ ଅର୍ଥାତ୍ ବୈଦିକ କର୍ମକାଣ୍ଡ ମଧ୍ୟ ଏଥିରେ ଏକମତ । ସକାମ ଭକ୍ତ ସ୍ୱର୍ଗାଦି ଫଳଲାଭ ନିମନ୍ତେ କର୍ମ (ଯାଗ, ଯଜ୍ଞ, ସେବା ପୂଜାଦି) କରିଥାଏ । ତାହାର ଫଳ ଐଶ୍ୱର୍ଯ୍ୟାଦିକୁ ପାଇଲେ ମଧ୍ୟ ସେ ପୁର୍ନଜନ୍ମରୁ ରକ୍ଷା ପାଏ ନାହିଁ । ଭଗବଦ୍ ଗୀତା ଦ୍ୱିତୀୟ ଅଧ୍ୟାୟ ୪୫ ଶ୍ଳୋକ ଦ୍ରଷ୍ଟବ୍ୟ - **ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ**

ଭଗବାନ ଅର୍ଜୁନଙ୍କୁ କହୁଛନ୍ତି- ଏହି କର୍ମକାଣ୍ଡ ରୂପ ବେଦ ତ୍ରିଗୁଣମୟ (ଅର୍ଥାତ୍ ସତ୍ତ୍ୱ,ରଜ ଓ ତମ ତ୍ରିଗୁଣ ପଦ ବାଚ୍ୟ । ସକାମ କର୍ମଫଳ ପ୍ରଦାୟକ' ତୁମ୍ଭେ ତ୍ରିଗୁଣ ରହିତ ଅର୍ଥାତ୍ ନିଷ୍କାମ କର୍ମତତ୍ପର ହୁଅ, । ଏହି ଗୁଣାଶ୍ରୟୀ ଭକ୍ତ ଶ୍ରୀଜଗନ୍ନାଥଙ୍କୁ ଏକକ ଭାବେ ନ ଦେଖି ଶ୍ରୀ ସୁଭଦ୍ରା, ଶ୍ରୀ ବଳଭଦ୍ରଙ୍କ ସହ ସଗୁଣ ବ୍ରହ୍ମର ଆରାଧନା କରିଥାଏ । ସତ୍ତ୍ୱଗୁଣର ପ୍ରତୀକ ଶ୍ରୀଜଗନ୍ନାଥ ହୋଇଥିବା ବେଳେ ଯଥାକ୍ରମେ ଶ୍ରୀସୁଭଦ୍ରା ଓ ଶ୍ରୀ ବଳଭଦ୍ର ରଜୋମୟୀ ଓ ତମୋମୟୀ ପ୍ରତିମାର ପ୍ରତୀକ ।

ଏଥିରୁ ବୁଝାଯାଉଅଛି ଯେ ମନୁଷ୍ୟ କାମନାର ବଶବର୍ତ୍ତୀ ହୋଇ ଯେଉଁ କାର୍ଯ୍ୟ କରୁଅଛି, ତାହାର ଫଳ ଇହ ଜନ୍ମରେ ବା ପରଜନ୍ମରେ ଭୋଗ କରୁଅଛି । 'ସ୍ୱର୍ଗକାମୋ ଯଜେତ' ଇତ୍ୟାଦି ବାକ୍ୟରୁ ତାହା ସୁସ୍ପଷ୍ଟ ।

ତେବେ ନିର୍ଗୁଣ ବ୍ରହ୍ମର ଉପଲବ୍ଧି ଏହି ବୈଚିତ୍ର୍ୟମୟ ସଂସାରରେ ଅତ୍ୟନ୍ତ କଷ୍ଟସାଧ୍ୟ । ତେଣୁ ଶ୍ରୁତି ଓ ପୁରାଣକାରମାନେ ଏହି ମାୟାମୟ ସଂସାରକୁ ଏକ ବୃକ୍ଷରୂପରେ କଳ୍ପନା କରିଅଛନ୍ତି ।

**ଉର୍ଦ୍ଧ୍ୱମୂଳୋ ଅବାକ୍ ଶାଖ ଏଷୋଽଶ୍ୱତ୍ଥଃ ସନାତନଃ**

(କଠ ଉପନିଷଦ୍-ଷଷ୍ଠ ବଲ୍ଲୀ)

ଭଗବଦ୍ ଗୀତା କହେ -

**ଉର୍ଦ୍ଧ୍ୱମୂଳମଧଃ ଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟଂ**
**ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ।**

(୧୫ ଅଧ୍ୟାୟ ପ୍ରଥମ ଶ୍ଳୋକ)

ପୁରାଣ ବଚନ -

**ଅବ୍ୟକ୍ତମୂଳପ୍ରଭବସ୍ତସ୍ୟୈବାନୁଗ୍ରହୋତ୍ଥିତଃ**
**ବୁଦ୍ଧିଃ ସ୍କନ୍ଧମୟ ଶ୍ଚୈବ ଇନ୍ଦ୍ରିୟାନ୍ତରକୋଟରଃ**

X X X

**ଏତଚ୍ଛିତ୍ୱା ଚ ଭୂତ୍ୱା ଚ ଜ୍ଞାନେନ ପରମାସିନା**
**ତତଶ୍ଚାତ୍ମଗତିଂ ପ୍ରାପ୍ୟ ତସ୍ମାନ୍ନାବର୍ତ୍ତତେ ପୁନଃ**

(ଶଙ୍କର ଭାଷ୍ୟ ମଧୁସୂଦନ ସରସ୍ୱତୀକୃତ ଟୀକା)

ସାଧାରଣ ବୃକ୍ଷର ମୂଳ ଅଧୋଦେଶରେ ଓ ଶାଖା ଉର୍ଦ୍ଧ୍ୱଦେଶରେ ଅର୍ଥାତ୍ ଉପରି ଭାଗରେ ଥାଏ । କିନ୍ତୁ ବିଚିତ୍ର ବୃକ୍ଷରୂପୀ ସଂସାରରେ ମୂଳ ପରମାତ୍ମା ପରମେଶ୍ୱର (ବ୍ରହ୍ମ) ସର୍ବୋତ୍ତମ ସ୍ଥାନରେ ଅର୍ଥାତ୍ ଉର୍ଦ୍ଧ୍ୱଦେଶରେ ଅବସ୍ଥାନ କରୁଥିବା ବେଳେ ତତ୍ସୃଷ୍ଟ ମାୟା ଓ କାମନା ବିଜଡ଼ିତ ସଂସାରୀ ଓ ତାହାର ଐଶ୍ୱର୍ଯ୍ୟାଦି ଫଳଲିପ୍ସା ଶାଖା ରୂପରେ ନିମ୍ନସ୍ଥାନରେ ରହିଥାଏ । ଏ ସ୍ଥଳରେ ଭଗବତ୍ ଗୀତାର ଉର୍ଦ୍ଧ୍ୱ ଓ ଅଧଃ ଶବ୍ଦ ଦୁଇଟିକୁ ଯଥାକ୍ରମେ ଉତ୍କୃଷ୍ଟ ଓ ନିକୃଷ୍ଟାର୍ଥରେ ବ୍ୟବହାର କରାଯାଇଅଛି ।

କାମନାସକ୍ତ ମନୁଷ୍ୟ ଶ୍ରୀଜଗନ୍ନାଥଙ୍କୁ ଯେ କୌଣସି ଦେବତା ରୂପେ ଆରାଧନା କରି ତାହାର କର୍ମଫଳ ଲାଭ କରୁ ପଛକେ, ମୁମୁକ୍ଷୁ ମାନଙ୍କ ପାଇଁ ସେ ସର୍ବଦା ଦାରୁବ୍ରହ୍ମ ରୂପେ ହିଁ ବିଦ୍ୟମାନ ଅଛନ୍ତି ଓ ରହିବେ ।

ଦାରୁବ୍ରହ୍ମଙ୍କ ପଦାରବିନ୍ଦରେ ନିମ୍ନୋକ୍ତ ପ୍ରଣତି ଜଣାଇ ଲେଖାରୁ ନିବୃତ୍ତ ହେଲି ।

**ମାନବିକ କର୍ମ ଆଚରି କର୍ମଜଂଜାଳେ ବରି**
**ଦାରୁବ୍ରହ୍ମ ପଦେ ଶରଣ ଅନ୍ତେ ପାଏ ମୁଁ ହରି ।**

❐❐❐

**ଶ୍ରୀମନ୍ଦିର ପୁରୋହିତ**
**ମାଟିମଣ୍ଡପ ସାହି, ପୁରୀ**